# ତାରିଣୀ ବ୍ରତ କଥା

ଓଁ ଦୁର୍ଗାୟ ନମଃ ଶ୍ରୀ ଗଣେଶାୟ ନମଃ।
ନମ ଦୁର୍ଗାଦେବୀ ମାତ ଚରଣେ ଶରଣ,
ଦୁର୍ଗାକଥା ମନଦେଇ ଶୁଣ ସର୍ବଜନ।
ଆଷାଢ଼ ନବଦିନେ ଏ ବ୍ରତର ବିଧାନ,
ମଙ୍ଗଳବାରେ କରିବା ଅଟଇ ପ୍ରମାଣ।
କୁଳାଙ୍ଗନା ନାରୀମାନେ କର ଏହି ବ୍ରତ,
ଚତୁର୍ବର୍ଗ ଫଳ ନିଶ୍ଚେ ହୋଇବ ପ୍ରାପତ।
ବାସବସ୍ତ୍ର ଶଉଚର କରିବ ଯତନ,
ହଳଦୀ ଅଏଁଳା ଘେନି କରିବ ସ୍ନାହାନ।
ଆନନ୍ଦ ମନରେ ହେବ ଗୃହେ ପରବେଶ,
ଓଦାବସ୍ତ୍ର ପାଲଟିଣ ପିନ୍ଧି ଭଲବସ୍ତ୍ର।
ନୟନେ କଜ୍ଜ୍ୱଳ ଘେନି ପିନ୍ଧିବ ସିନ୍ଦୂର,
ନମୋ ବୃନ୍ଦାବତୀ ବୋଲି ତହିଁ ଦେବ ଜଳ।
ଚରଣ ଉଦକ ନେଇ ରଖିବ ପାତ୍ରରେ,
ବ୍ରତ ବିଧି ସାରିଣ ପାଇବ ସଙ୍ଗତରେ।
ବ୍ରାହ୍ମଣ ମୁଖରୁ ଏହି କଥାକୁ ଶୁଣିବ,
ବ୍ରାହ୍ମଣ ଅଭାବେ ଶୁଚି ହୋଇଣ ପଢ଼ିବ।
ଗଣେଶ ନାମରେ ଏକ କଳସ ସ୍ଥାପିବ,
ଦୁର୍ଗାନାମ ଧରି ଗୁଆ ଗୋଟିଏ ରଖିବ।
କର୍ପୂର ଚନ୍ଦନ ଧୂପଜାଳି ଦୀପାବଳି,
ନାନା ପୁଷ୍ପମାନ ଦେବ ମନେ ଭକ୍ତି କରି।
ମନ୍ଦାର ବେଲପତର ରଖି ଯତନରେ,
ନମୋ ଦୁର୍ଗା ବୋଲି ଦେବ ଗାବ କଳସରେ।



ତେରଖିଅ ସୂତାଧରି କରିବ ତ୍ରିଗୁଣ,
ତେର ବୟସ ପିଲାର ହାତରେ ମାପିଣ।
ତେରହାତ ଦେବା ବିଧି ଅଟଇ ପ୍ରମାଣ,
ଏହି ରୂପେ କରିବ ଗୋ ବ୍ରତକୁ ଯତନ।
ତେର ଗୋଟି ନିର୍ବିଘ୍ନ ତଣ୍ଡୁଳ ରଖିବ,
ଆଣିକରି ତେରବ୍ରତ ଗଣି ମିଶାଇବ।
ତେରଗୋଟି ଗୁଆ ପୁଣି ରଖିବ ଯତନେ,
ସିନ୍ଦୂର ଦେବ ତହିଁରେ ଭକ୍ତି କରି ମନେ।
ହୃଦପଦ୍ମେ ଶ୍ରୀ ଦୁର୍ଗାଙ୍କ ନାମକୁ ଜପିବ,
ତେରଗୋଟି ଗଣ୍ଠି ଦେଇ ହସ୍ତରେ ବାନ୍ଧିବ।
ଦୁର୍ଗା ନାମ ଧରି ପ୍ରଥମ ଗଣ୍ଠି ଦେବ,
ନମଃ କାତ୍ୟାୟିନୀ ବୋଲି ହୃଦରେ ଭାବିବ।
ତୃତୀୟରେ ଗିରିରାଜ ବରଙ୍କର ଜେମା,
ଚତୁର୍ଥେ ବିମଳା ନାମ ଜପ ସର୍ବବାମା।
ପଞ୍ଚମରେ ଚଣ୍ଡୀନାମ ଅଟେ ଯାଜ୍ଞସେନୀ,
କାଳିକା ରୂପେଣ ବିଜେ ଅଛନ୍ତି ଧରଣୀ।
ହିଙ୍ଗୋଳା ମଙ୍ଗଳା ନାମ ଅଟଇ ପ୍ରଧାନ,
ଲୁଚକାଇ ନାମଗୋଟି ହୃଦପଦ୍ମେ ଘେନ।
ଇହନ୍ତା ବିହନ୍ତା ଯୋଗ ମାୟା ଠାକୁରାଣୀ,
ଯାଜପୁରରେବିରୋଜା ନାମ ଅଛି ଭଣି।
ଦୟାମୟୀ ଦୟାକର ଏ ଯୋଗ ଧାରିଣୀ,
ପାର୍ବତୀ ନାମରେ ହେଲେ ଈଶ୍ବର ଘରଣୀ।
ଏକ ଏକ ନାମ ଧରି ଗଣ୍ଠି ପକାଇବ,
ମନୋବାଞ୍ଛା ଜଣାଇଣ ଗ୍ରହଣ କରିବ।

smarteduguide.com

ତେରଗୋଟି ମଣ୍ଡାପିଠା ପାଣିଛଡ଼ାଇବ;
ଜଳେ ଏକଗୋଟି ଦେଇ ଭକ୍ଷଣ କରିବ ।
କୁଳ ଙ୍ଗନାମାନେ ଶୁଣ ହୋଇ ଏକ ମନ;
ଦୁର୍ଗାଙ୍କର କଥା ଯେ ହୋଇଲା ବଖାଣ ।
ନମସ୍ତେ କାତ୍ୟାୟିନୀ ମାଗୋ ଅନାଦି ମାହେଶ୍ୱରୀ;
ସତ୍ୟଯୁଗେ ବୈଷାସୁର ଦର୍ପଚୂର୍ଣ୍ଣକାରୀ ।
କଳିଯୁଗେ କରାଳୀ ବିକଟ ବିକରାଳୀ;
ଶିରରେ ସିନ୍ଦୂର ଗୋ ହସ୍ତରେ ଜପାମାଳୀ ।
ଟହ ଟହ ଶବଦ ଗହ ଗହ ଘୋର ଧ୍ୱନି;
କିଳିକିଳା ଶବଦରେ କମ୍ପଇ ମେଦିନୀ ।
ଟହ ଟହ ହାସିନୀ ଗୋ ଚକ୍ର ତୋ ଚାହାଣୀ;
ନେତ୍ରରେ କଜ୍ଜ୍ୱଳରେଖା ଶୋଭା ଠାକୁରାଣୀ ।
ମୁକୁତାର ହାର ମାଗୋ କର୍ଣ୍ଣରେ କୁଣ୍ଡଳ;
କଣ୍ଠରେ ପଦକ ମାଗୋ ଦିଶେ କି ସୁନ୍ଦର ।
କଟୀରେ ଶୋଭା ମାଗୋ ଭଇରବ କାନ୍ତି;
ଲହ ଲହ ଜିହ୍ୱା ମାଗୋ କାଳ ଯେ ମୂରତି ।
ଚଣ୍ଡୀ ଯେ ଚାମଣ୍ଡାମାନେ ତୋର ଆଜ୍ଞାବର୍ତ୍ତୀ;
ଦିବାନିଶି ତୋ ପାଖରେ ଖଟିଣ ଥାଆନ୍ତି ।
ଚାଞ୍ଚକା ଚାମଡ଼ା ମାଗୋ ଅଟ ଡାଙ୍କେଶ୍ୱରୀ;
ତୋହ ଗୁଣ କହିବ କେ ନରଦେହ ଧରି ।
ଊର୍ଦ୍ଧ୍ୱଗତି ଧାରିଣୀ ମା ପିଙ୍ଗଳ ବଦନୀ;
ଅର୍ଦ୍ଧନିଶାରେ ତୁ କରୁ ତ୍ରିପୁର ଭ୍ରମଣି ।
ଗଗନେ ଆସନ ଭ୍ରମୁ ଚଉଦ ଭୁବନ;
ତୋ ପଦକୁ ଧାୟିଜନେ ମାଗନ୍ତି ଶରଣ ।



କ୍ଷଣ କ୍ଷଣକେ ପ୍ରକାଶ କରୁ ତୋର କାୟେ;
ସ୍ୱଇଚ୍ଛାରେ ହେଉ ମନୁଷ୍ୟ ଦେହ ପ୍ରାୟେ ।
ବାଳବୃଦ୍ଧ ତରୁଣ ମାଗୋ ତିନିରୁପ ଧରୁ;
ଶଙ୍କଟ ପଡ଼ିଲେ ତୁହି ପ୍ରାଣୀଙ୍କି ଉଦ୍ଧାରୁ ।
ଅଷ୍ଟ ଅଷ୍ଟ ଦିନେ ପଡ଼ଇ ତୁମ୍ଭ ବାର
ଉପାସନା କରିଦିନ ନ୍ୟନ୍ତି ସୁଜ୍ଞନର ।
ଆଷାଢ଼ ନବଦିନେ ବ୍ରତ କରନ୍ତି ତୋହର
ସୁଲକ୍ଷଣୀ କୂଳବଧୂ ପୂଜନ୍ତି ପ୍ରୟର ।
ଏକମନ ହୋଇ କଲେ ପୂଜାର ବିଧାନ
ମନୋବାଞ୍ଛାମାନ ନିଶ୍ଚେ ହୋଇପାରେ ପୂର୍ଣ୍ଣ ।
ମନସ୍ଥିରେ ଏକମନେ ଯେ ଜନ ଭଜନ୍ତି
ଦେଉ ଧନ୍ୟ ଧାନ୍ୟ ମାଗୋ ଫିଟାଉ ଦୁର୍ଗତି ।
ଦେବତାମାନେ ଚରଣେ ପଶିଲେ ଶରଣ
ମାନବ ହୋଇଣ ମାଗୋ କହିବି କେବଣ ।
ସତ୍ୟଯୁଗେ ବ୍ରହ୍ମାଙ୍କୁ ଯେ ପଡ଼ିଲା କଷଣ
ନିସ୍ତରିଲେ କଷଣ ତୁମ୍ଭଙ୍କୁ ସ୍ମରଣ ।
ଶଙ୍ଖାସୁର ହରିନେଲା ମାଗୋ ବେଦ ପୋଥି
ଜାଣିଣ ପ୍ରସନ୍ନ ଶୀଘ୍ର ହୋଇଲ ପାର୍ବତୀ ।
ବ୍ରହ୍ମାଙ୍କର ସ୍ତୁତି ମାଗୋ ସହି ନ ପାରିଲେ
ଶଙ୍ଖାସୁର ମାଗୋ ବେଶ ଉଦ୍ଧରିଲେ ।
ବେଦ ପୋଥିପାଇ ବ୍ରହ୍ମା ହରଷ ହୋଇଲେ
ବ୍ରହ୍ମାଏଣୀ ନାମ ଗୋଟି ତୁମ୍ଭଙ୍କୁଇଁ ଦେଲେ ।
ଜୟ ତୁ ବ୍ରହ୍ମାଏଣୀ ଚରଣେ ଶରଣ
ସଂସାରେ ରଖିଛୁ ମାଗୋ ଯଶ କୀର୍ତ୍ତି ନାମ ।

smarteduguide.com

ରୁଦ୍ରଦେବତାଙ୍କୁ ମାୟେ ପଡ଼ିଲା କଷଣ
ଚିନ୍ତାକଲା ମାତ୍ରେ ଯାଇ ହୋଇଲ ପ୍ରସନ୍ନ ।
ସମୁଦ୍ର ମନ୍ଥନେ ନାଥ ଗରଳ ଭକ୍ଷିଲେ
ଅଚେତନ ହୋଇ ସେ ମୋହ ହୋଇଗଲେ ।
ଯୁଗଳୟ ସ୍ତୁତି ଯହୁଁ କଲେ ପଶୁପତି
ଜାଣିଣ ପ୍ରସନ୍ନ ମାଗୋ ହୋଇଲ ଝଟତି ।
ହର ଦେବତାଙ୍କ ସ୍ତୁତି ସହି ନ ପାରିଲ
ଗଙ୍ଗାରୂପ ଧରି ହରିଣରେ ବିଜେ କଲ ।
ହରିଲ ଗରଳ ଜ୍ୱାଳା ଫେଡ଼ିଲ ଦୁର୍ଗତି
ହରଚଣ୍ଡୀ ନାମଗୋଟି ଦେଲେ ପଶୁପତି ।
ଜୟ ହରଚଣ୍ଡୀ ମା'ଗୋ ଚରଣେ ଶରଣ
ଭକ୍ତମାନଙ୍କର ଦୁଃଖ ଫେଡୁ ତତ୍‌କ୍ଷଣ ।
ଇନ୍ଦ୍ର ଦେବତାଙ୍କୁ ଯେ ପଡ଼ିଲା ଦୁର୍ଗତି
ତୁମ୍ଭ ଶ୍ରୀଚରଣେ ମାଗୋ କଲେ ବହୁ ସ୍ତୁତି ।
ନିର୍ବାତ କବଚ ସେହୁ ସ୍ୱର୍ଗଜୁର କଲେ
ଆସ୍ଥାନ ଛାଡ଼ିଣ ଇନ୍ଦ୍ର ଅରଣ୍ୟେ ରହିଲେ ।
ମନମଧ୍ୟେ ସ୍ତୁତି କରି ଭକ୍ତି କରି ଯହୁଁ
ଚିତ୍ତେ ଦୟାବହି ମାତ ଉଦ୍ଧରିଲ ତହୁଁ ।
ପ୍ରସନ୍ନ ହୋଇଣ ମା'ଗୋ କହିଲ ବଚନ
ଆହେ ଇନ୍ଦ୍ର ବେଗ ହୋଇ ଅର୍ଜ୍ଜୁନକୁ ଆଣ ।
ତୁମ୍ଭ ଆଜ୍ଞା ଶୁଣି ଅର୍ଜ୍ଜୁନକୁ ହକାରିଲେ
ନିର୍ବାତ କବଚ ନାଶି ସ୍ୱର୍ଗରକ୍ଷା କଲେ ।
ସ୍ୱର୍ଗ ପାଇ ଚନ୍ଦ୍ର ରାଜା ହରଷ ହୋଇଲେ
ଇନ୍ଦ୍ରାୟଣ ନାମଗୋଟି ତୁମ୍ଭଙ୍କୁ ହିଁ ଦେଲେ ।



ଜୟ ଇନ୍ଦ୍ରାୟଣୀ ମା'ଗୋ ଚରଣେ ଶରଣ
ଚିନ୍ତା ଦୂର କରି ମା'ଗୋ ବାଞ୍ଛା କର ପୂର୍ଣ୍ଣ ।
ଯମଦେବତାଙ୍କୁ ମା'ଗୋ ପଡ଼ିଲା ଦୁର୍ଗତି
ଗୁରୁପୁତ୍ର ଆଣିବାକୁ ଗଲେ ଦାଶରଥି ।
ଚକ୍ରଧର ହରି ଯମ ମୁଣ୍ଡ କାଟୁ ଥିଲେ
ଉଦୟପାଳ ଜନ୍ତୁପତି ତୁମ୍ଭଙ୍କୁ ସ୍ମରିଲେ ।
ଅନେକ ଯେ ସ୍ତୁତି ଯହୁଁ କଲେ ଜନ୍ତୁପତି
ଜାଣିଣ ପ୍ରସନ୍ନ ତୁ ହୋଇଲୁ ପାର୍ବତୀ ।
ଗୁରୁପୁତ୍ର ଦିଅ ବୋଲି ଶୂନ୍ୟେ ଡାକ ଦେଲେ
ଯମ ଦେବତାଙ୍କ ସ୍ତୁତି ସହି ନ ପାରିଲେ ।
ତୁମ୍ଭ ଆଜ୍ଞା ପାଇ ଯମ ଗୁରୁପୁତ୍ର ଦେଲେ
ସ୍ୱର୍ଗର ଦେବତାମାନେ ପୁଷ୍ପ ବୃଷ୍ଟି କଲେ ।
ଜଗତେ ରହିଲା ମାଗୋ ତୁମ୍ଭର କୀରତି
ଜୟ ଚଣ୍ଡୀ ନାମ ଗୋଟି ଦେଲେ ଜନ୍ତୁପତି ।
ଜୟ ତୁ ଜୟଚଣ୍ଡୀ ମାଗୋ ତରଣେ ଶରଣ
ସୁମରଣା କରନ୍ତି ଗୋ ଆତ୍ମଜ୍ଞାନୀ ଗଣ ।
ଦଶରଥ ଠାକୁର ଯେ ଅଯୋଧ୍ୟା ନୃପତି
ତେଣୁ ତାଙ୍କ ପୁତ୍ର ନାମ ଅଟେ ଦାଶରଥି ।
ପିତା ବୋଲେ ରାଜ୍ୟତେଜି ବନବାସ ଗଲେ
ଗୋଦାବରୀ କୂଳେ ବଇଦେହୀ ହରାଇଲେ ।
ପଡ଼ିଲା ଦୁର୍ଗତି ମାଗୋ ତୋତେ ସୁମରିଲେ
ନାନାମତେ ସ୍ତୁତି କରି ପ୍ରାର୍ଥନା ସେ କଲେ ।
ରାଜ୍ୟତେଜି ଦୁଃଖରେ ଅଇଲୁ ତିନିଜଣ
ସଙ୍ଗେ ଅନ୍ୟଶାଖା ଆମ୍ଭ କେହି ନାହିଁ ଜାଣ ।

ବଇଦେହୀ ହରାଇ ହୋଇଲି ନିରିମାଖି
କିଷ୍କିନ୍ଧ୍ୟା ନୃପତି ମାଗୋ ମୋର ଦୁଃଖ ଦେଖି ।
ଋକ୍ଷ କପିବଳ ଘେନି ହୋଇଲେ ସେ ସାହା
ଦକ୍ଷିଣର ସିନ୍ଧୁତୀରେ ଥିଲା ବିଂଶବାହା ।
ସେ ଦୁଷ୍ଟ ପାମର ମୋତେ କରିଗଲା ଯାହା
ତିନିପୁର ଜନନୀ ଗୋ ନ ଜାଣୁକି ତାହା ।
ବାରାନିଧି ବାନ୍ଧିଲି ମୁଁ ଧର୍ମବଳ ଘେନି
ସୁବଳୟାରେ ରହିଲି ଅଜେୟ ଗଡ଼ଜାଣି ।
ଅଜେୟ ଯେ ଲଙ୍କା ମାଗୋ ଜଗତେ ବିଖ୍ୟାତ
ଅମର ବର ପାଇଛି ବିଶ୍ରବାର ସୁତ ।
ଏ ନର ବାନର ଅସୁରଙ୍କ ଭକ୍ଷପାନ
ଏମାନଙ୍କୁ ଘେନି ଯୁଦ୍ଧେ କଲି ଆଗମନ ।
ଦୁର୍ଗତି ପଡ଼ିଲା ମାଗୋ ଦୁର୍ଗା ହୁଅ ସାହା
ମୋହର ମନୋବାଞ୍ଛା ପୂରାଅ ମହାମାୟା ।
ଅନେକ ଯେ ସ୍ତୁତି ଯହୁଁ କଲେ ଦାଶରଥି
ଜାଣିଣ ଦୁର୍ଗା ପ୍ରସନ୍ନ ହୋଇଲୁ ତଡ଼ତି ।
ସିଂହ ବାହନରେ ଯାଇ ଆଗେ ଉଭା ହେଲ
ଶ୍ରୀରାମ ବନ୍ଧନ ହେବା ନୟନେ ଦେଖିଲ ।
ହୋଇଲ ପ୍ରସନ୍ନ ଆହେ ଦଶରଥ ସୁତ
ମାରହେ ରାବଣେ ଲଙ୍କା କରହେ ନିପାତ ।
ମୋ ବଚନ ଶୁଣ ରାମ ଏମନ୍ତ କରିବ
ଭାଇ ଲକ୍ଷ୍ମଣଙ୍କୁ ନେଇ ଲଙ୍କା ବିଧ୍ୱଂସିବ ।
ବିନତା ନନ୍ଦନ ପକ୍ଷୀ ବର ସୁମରିବ
ଆସି ତୁମ୍ଭ ନାଗପାଶ ବନ୍ଧନ ଫେଡ଼ିବ ।



ଦୁର୍ଗାଙ୍କ ବଚନ ସେ ଶୁଣିଲେ ଦାଶରଥି
ଝଟତିରେ ମନେ ଚିନ୍ତା କରେ ଖଗପତି ।
ଜୟ ତୁ ଖଗବର ଅଟୁ ବିଷ୍ଣୁର ଦାସ
ଜୟ ତୁ ଖଗବର ଭକତର ବିଶ୍ୱାସ ।
ଜୟ ତୁ ଯେ ଖଗେଶ୍ୱର ଉଦ୍ଧରି ଧରିବା
ଜୟ ତୁ ଯେ ଖଗେଶ୍ୱର ଘେନ ମୋର ସେବା ।
ରମ୍ୟକ ଦ୍ୱୀପ ମଧ୍ୟରେ ଖଗେଶ୍ୱର ଥିଲା
ରଘୁନାଥ ସୁମରେଣ ଆସନ କମ୍ପିଲା ।
ଧ୍ୟାନରେ ଜାଣିଲା ସେହି ବିନତାର ସୁତ
ମନରେ ଜାଣିଲା ଚିନ୍ତାକଲେ ରଘୁନାଥ ।
ଲଙ୍କା ଗଡ଼ ଯୁଦ୍ଧ ହୋଇଅଛି ମହାଭାରି
ନାଗପାଶେ ବାନ୍ଧି ଅଛି ଇନ୍ଦ୍ରିର ଅଇରି ।
ଯିବଇଁ ବୋଲିଣ ମନେ ହୋଇଲା ଆନନ୍ଦ
ନୟନ ପୂରାଇ ଆଜ ଦେଖିବି ଗୋବିନ୍ଦ ।
ଏତେ ବିଚାରିଣ ବେଗେ ବୀର ଉଠିଗଲା
ବେନି ନୟନରେ ଅମୃତକୁ ପୂର୍ଣ୍ଣ କଲା ।
ଶୂନ୍ୟାମଣ୍ଡଳକୁ କ୍ଷେପିଗଲା ପକ୍ଷିବଳ
ଦେଖି ପୁଷ୍ପ ବୃଷ୍ଟି କଲେ ଦେବତା ସକଳ ।
ପକ୍ଷୀବାୟୁ ଶବ୍ଦରେ ସମୁଦ୍ର ଉଚ୍ଛୁଳିଲା
ଅରଣ୍ୟ ପର୍ବତ ସର୍ବ ମେଦିନୀ କମ୍ପିଲା ।
ଭୟଙ୍କର ମୂର୍ତ୍ତି ହୋଇ ତନୁ ବିସ୍ତାରିଲା
ପବନ ବେଗରେ ପକ୍ଷୀରାଜ ଗମିଗଲା ।
ଗମଇ ପକ୍ଷୀରାଜ ଦକ୍ଷିଣ ମୂର୍ତ୍ତି ହୋଇ
ଲଙ୍କାଗଡ଼ରେ ପ୍ରବେଶ ହୋଇଲାକ ଯାଇ ।
ଯୁଦ୍ଧ ଭୂମିକୁ ନୟନେ ଦେଲାକ ଅନାଇ
ସୈନ୍ୟ ମଧ୍ୟେ ଶୋଇଣ ଅଛନ୍ତି ବେନିଭାଇ ।

smarteduguide.com

ଭିଡ଼ି ଅଛି ନାଗଫାଶ ଚେତନା ନାହିଁ ତହିଁ
ଏ ଦୁଃଖ ସହିବ କେବା ନରଦେହ ବହି।
ସଧୀରେ ସଧୀରେ ବୀର ଭୂମିକୁ ଖସିଲା
ସଂଗ୍ରାମ ମଣ୍ଡଳେ ଯାଇ ପ୍ରବେଶ ହୋଇଲା।
ଗରୁଡ଼ ଗମନ୍ତେ ଯେ ଜାଣିଲେ ଅହିବର
ଭୟେ ପଳାଇ ପଶିଲେ ସମୁଦ୍ର ଭିତର।
ଅମୃତ ଘେନି ଗରୁଡ଼ ପ୍ରବେଶ ହୋଇଲା
ଶ୍ରୀରାମ ଲକ୍ଷ୍ମଣ ଶିରେ ଅମୃତ ବର୍ଷିଲା।
ଚେତା ପାଇଲେ ତହିଁ ଲକ୍ଷ୍ମଣ ରଘୁପତି
ଫିଟିଗଲା ନାଗଫାଶ ମେଣ୍ଟିଲା ଦୁର୍ଗତି।
ଉଠି ଉଭା ହୋଇଲେ ଲକ୍ଷ୍ମଣ ବେନି ଭାଇ
ଭକ୍ତି ଭାବେ ଗରୁଡ଼ ସେ ପ୍ରଣାମ କରଇ।
ଉଠ ଉଠ ଗରୁଡ଼ ବୋଲନ୍ତି ଚାପପାଣି
ମୋହର ତୁ ଭକ୍ତ ଜନ ହିତ ଗୁଣମଣି।
ଗରୁଡ଼ ବୋଲଇ ଧୀରେ ଯୋଡ଼ି ବେନିକର
କିଣିଲାର ଦାସ ସିନା ଅଟଇ ତୁମ୍ଭର।
ଯାଅ ଯାଅ ପକ୍ଷୀବର ତୋର ନିଜପୁର
କି ଦେଇ ସୁଝିବି ଅବା ତୋର ଉପକାର।
ଏ ବାଣୀ ଶୁଣି ଗରୁଡ଼ ବିନୟେ କହିଲା
ଦର୍ଶନ ପାଇଲି ଆତ୍ମା କୃତାର୍ଥ ହୋଇଲା।
ଶ୍ରୀପଦ୍ମ ପାଦରେ ଆସି ଦର୍ଶନ ମୁଁ କଲି
ଗୋଟିଏ ଜନ୍ମର ପାପ ହେଲେ ବିଧ୍ୱଂସିଲି।
ତୁ ଗରୁଡ଼ ଏ ବେଳକୁ ହେଲୁ ପିତାମାତା
ଆନ ଜନ ଆସିବା କେ ଉଦ୍ଧରି ଧରନ୍ତା।
ଶ୍ରୀରାମକୁ ଗରୁଡ଼ ସେ କରାଇ ମିନତି
ଦେଖି ଆଶ୍ଚର୍ଯ୍ୟ ହୋଇଲେ ସର୍ବ ଯୁଥପତି।



ମୋହଠାରେ ଗରୁଡ଼ ହେ ଦୟା ରଖିଥିବୁ
ସୁମରଣା କଲେ ବାବୁ ଅବଶ୍ୟ ଆସିବୁ।
ମେଲାଣି ପାଇ ଗରୁଡ଼ ବେଗେ ଚଳିଗଲା
ନିଜ ପକ୍ଷ ବିସ୍ତାରିଣ ଆକାଶ କ୍ଷେପିଲା।
ଚଳିଗଲା ବୀର ଯେ ଉତ୍ତର ମୂର୍ତ୍ତି ହୋଇ
ନିଜ ସ୍ଥାନେ ରହିଲେ ସେ ନିଶ୍ଚିନ୍ତରେ ଯାଇ।
ଜଗତରେ ରହିଲା ସେ ତୁମ୍ଭର କୀରତି
ସର୍ବଦା ରହୁ ମା' ତୁମ୍ଭଠାରେ ମୋ ଭକତି।
ଜୟ ରାମଚଣ୍ଡୀ ମାଗୋ ଚରଣେ ଶରଣ
ରେରେକାର ଶବ୍ଦ କରି ବିନ୍ଧିଲେ ପୁଣ ବାଣ।
ରାବଣର ଦଶଶିର ପକାଇଲେ କାଟି
କେତେ ଦିନ ମଧ୍ୟେ ମେଣ୍ଟି ଗଲାକ ଅରିଷ୍ଟି।
ଲଙ୍କା ଗଡ଼େ ଧରାଇଲ ଛତ୍ର ବିଭୀଷଣ
ତୁମ୍ଭଯୋଗୁଁ ଜୟ କଲେ ଶ୍ରୀରାମ ଲକ୍ଷ୍ମଣ।
ଦୁର୍ଗା ଦୁର୍ଗା ନାମ ଯେହୁ ପ୍ରଭାତେ ସୁମରେ
ସର୍ବକାର୍ଯ୍ୟ ସିଦ୍ଧ ହୁଏ ଏହି ସଂସାରରେ।
ନିଜ ହିତ ପରିତ୍ରାଣ ଧର ଏହି ନାମ
ନରହରି ବାରମ୍ବାର କରଇ ପ୍ରଣାମ।
ଗତିମୁକ୍ତି ଜ୍ଞାନୀଦାନୀ ଯୋଗ ମାୟା ଏହି
ଦୁଷ୍ଟଜନ ସଂହାରିଣ ରଖିଛନ୍ତି ମହୀ।
ମନ ସ୍ଥିର କରି ଏହା ପଢ଼ ସୁଜ୍ଞଜନ
ଶ୍ରୀଦୁର୍ଗା ଦେବୀଙ୍କ ସ୍ତୁତି ହୋଇଲା ସମ୍ପୂର୍ଣ୍ଣ।
ମଙ୍ଗଳବାର ଦିନରେ ପଢ଼େ ଯେଉଁ ନର
ନାନା କ୍ଳେଶ ଗ୍ରହ ପୀଡ଼ା ହୋଇଯାଏ ଦୂର।

=✡=

ମୁଦ୍ରଣ : କେ.ଜେ.ପି. ପ୍ରିଣ୍ଟିଂ ୱାର୍କ୍ସ, ଅଲିଶାବଜାର, କଟକ - ୨

smarteduguide.com